# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 12 June – 2026

*********************************

## ମୁଖ୍ୟ ସମ୍ବାଦ

- ଗତ ଦୁଇବର୍ଷରେ ସରକାରଙ୍କ ପଦକ୍ଷେପ ଯୋଗୁଁ ବିକାଶ ଓ ସଶକ୍ତୀକରଣ କ୍ଷେତ୍ରରେ ଦୃଶ୍ୟମାନ ପରିବର୍ତ୍ତନ ଆସିଛି କହିଲେ ମୁଖ୍ୟମନ୍ତ୍ରୀ ।

- କେଜିଠାରୁ ପିଜି ପର୍ଯ୍ୟନ୍ତ ଶିକ୍ଷାକୁ ଦେୟମୁକ୍ତ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ।

- ଭୁବନେଶ୍ୱରଠାରେ ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ ଓ ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ ।

- କଳାହାଣ୍ଡି ଜିଲ୍ଲା ସିର୍ଲିଗୁଡାରେ ଉଦ୍‌ଘାଟିତ ହେଲା ରାଜ୍ୟର ପ୍ରଥମ ହାତୀ ପ୍ରଶିକ୍ଷଣ କେନ୍ଦ୍ର ।

ଏବଂ

- ଓଡିଶା ସ୍ପର୍ଶ କଲା ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ।

## ମୁଖ୍ୟମନ୍ତ୍ରୀ

ଗତ ଦୁଇବର୍ଷରେ ରାଜ୍ୟ ସରକାରଙ୍କ ବିଭିନ୍ନ ପଦକ୍ଷେପ ଯୋଗୁଁ ବିକାଶ ଓ ସଶକ୍ତୀକରଣ କ୍ଷେତ୍ରରେ ଦୃଶ୍ୟମାନ ପରିବର୍ତ୍ତନ ଆସିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଭୁବନେଶ୍ୱର ଲୋକସେବା ଭବନରେ ଆଜି ରାଜ୍ୟ ବିଜେପି ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ଅବସରରେ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମାଝୀ କହିଛନ୍ତି, ବିକାଶର ସୁଫଳରେ ସମସ୍ତେ ଭାଗିଦାର ହେବା ହେଉଛି ସରକାରଙ୍କ ନୀତି । ଗତ ଦୁଇବର୍ଷରେ ରାଜ୍ୟ ସରକାର ୧୨୧ଟି ନୂଆ ଯୋଜନା, କାର୍ଯ୍ୟକ୍ରମ ତଥା ପଦକ୍ଷେପ ଘୋଷଣା କରିଛନ୍ତି । ଏହି କ୍ରମରେ ୨୦୨୭ ମସିହା ସୁଦ୍ଧା ସବୁ ଗ୍ରାମକୁ ମୌଳିକ ସୁବିଧା ପହଞ୍ଚାଇବା ପାଇଁ ମିଶନ ପାୱାର ଗଠନ କରାଯାଇଛି । ସରକାର ଗରିବ, ମହିଳା, ଅନ୍ନଦାତା ଏବଂ ଯୁବବର୍ଗଙ୍କ ପାଇଁ ପ୍ରାଥମିକତା ଭିତ୍ତିରେ କାର୍ଯ୍ୟ କରୁଛନ୍ତି । ସୁଭଦ୍ରା ଯୋଜନାରେ ଗତ ଦୁଇବର୍ଷ ମଧ୍ୟରେ ହିତାଧିକାରୀମାନଙ୍କୁ ୨୦ହଜାର ୬ଶହ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସହାୟତା ପ୍ରଦାନ କରାଯାଇଛି । ରାଜ୍ୟରେ ଆଜି ୨୩ଲକ୍ଷ ୫୦ହଜାର ଲକ୍ଷପତି ଦିଦି ଆର୍ଥିକ ସ୍ତରରେ ସଶକ୍ତ ହୋଇଛନ୍ତି । କୃଷି ଓ କୃଷକଙ୍କ ବିକାଶ ପାଇଁ ୨୦୨୫-୨୬ ଖରିଫ ଋତୁରେ ୧୮ଲକ୍ଷ ୮୩ହଜାର ଚାଷୀଙ୍କ ଠାରୁ ୭୭ଲକ୍ଷ ୪୧ହଜାର ମେଟ୍ରିକ ଟନ୍ ଧାନ କିଣାଯାଇଛି । ଏଥିସହ ବିଭିନ୍ନ ଯୋଜନାରେ କୃଷକମାନଙ୍କୁ ସଶକ୍ତ କରାଯାଉଛି । ସେଭଳି ଶିକ୍ଷା

କ୍ଷେତ୍ରରେ ମଧ୍ୟ ପରିବର୍ତ୍ତନ ଅଣାଯାଇଛି । ଶିକ୍ଷାକୁ ପ୍ରକୃତ ଅର୍ଥରେ ଦେୟମୁକ୍ତ ଓ ସାର୍ବଜନୀନ କରିବା ପାଇଁ କେଜିରୁ ପିଜି ପର୍ଯ୍ୟନ୍ତ ଶିକ୍ଷାକୁ ଦେୟମୁକ୍ତ କରିବାକୁ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି । ଏହା ଦ୍ୱାରା ରାଜ୍ୟର ସମସ୍ତ ବିଦ୍ୟାର୍ଥୀ ଉପକୃତ ହେବେ । ବିଶେଷକରି ଆର୍ଥିକ ଅନଗ୍ରସର ଛାତ୍ରଛାତ୍ରୀ ଲାଭବାନ ହେବେ ବୋଲି ଶ୍ରୀ ମାଝୀ କହିଛନ୍ତି ।

**- V/O -**

ସ୍ୱାସ୍ଥ୍ୟ କ୍ଷେତ୍ରରେ ଉନ୍ନତି ପାଇଁ ଆୟୁଷ୍ମାନ ଭାରତ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା କାର୍ଯ୍ୟକାରୀ ହୋଇଛି । ଏହା ଫଳରେ ରାଜ୍ୟର ୩କୋଟି ୪୬ଲକ୍ଷ ହିତାଧିକାରୀ ଚିକିତ୍ସା ସୁବିଧା ପାଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଭିତ୍ତିଭୂମିର ବିକାଶ ପାଇଁ ମଧ୍ୟ ବିଶେଷ ପଦକ୍ଷେପ ନିଆଯାଇଛି । ଗତ ଦୁଇବର୍ଷ ମଧ୍ୟରେ ରାଜ୍ୟରେ ପ୍ରାୟ ୯ହଜାର କିଲୋମିଟର ରାସ୍ତା, ୫୭ଟି ସେତୁ ଓ ୪ଟି ରେଳ ଓଭରବ୍ରିଜ ପାଇଁ ୧୭ହଜାର କୋଟି ଟଙ୍କା ବିନିଯୋଗ କରାଯାଇଛି ।

ସମୃଦ୍ଧ ଓଡିଶା ଲକ୍ଷ ହାସଲ ପାଇଁ ଶିଳ୍ପାୟନକୁ ଗୁରୁତ୍ୱ ଦିଆଯାଉଛି । ବିଭିନ୍ନ ନିବେଶ ସମ୍ମିଳନୀ ମାଧ୍ୟମରେ ୨୦ଲକ୍ଷ କୋଟି ଟଙ୍କାର ନିବେଶ ପ୍ରସ୍ତାବ ଆସିଛି । ଏହା ଦ୍ୱାରା ରାଜ୍ୟରେ ୧୭ଲକ୍ଷ ନିଯୁକ୍ତି ସମ୍ଭାବନା ସୃଷ୍ଟି ହୋଇଛି ବୋଲି ଶ୍ରୀ ମାଝୀ କହିଛନ୍ତି । ରାଜ୍ୟକୁ ନକ୍ସଲମୁକ୍ତ ଘୋଷଣା କରାଯାଇଛି । ସେହିଭଳି ଦୋଷୀସାବ୍ୟସ୍ତ ହାର ମଧ୍ୟ ବୃଦ୍ଧି ପାଇଛି । ଯୁବପିଢିଙ୍କ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାର ଉନ୍ନତି ସହ ସରକାର

ରାଜ୍ୟର ସାମଗ୍ରିକ ବିକାଶ ଉପରେ ଗୁରୁତ୍ୱ ଦେଉଛନ୍ତି । ବିକାଶ ଏକ ନିରନ୍ତର ପ୍ରକ୍ରିୟା ଏଥିରେ ସରକାର ଓ ଜନସାଧାରଣ ମିଳିତ ଭାବେ କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି ।

ଅପରାହ୍ନରେ ମୁଖ୍ୟମନ୍ତ୍ରୀ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆରେ କେତୋଟି ପ୍ରମୁଖ ପ୍ରକଳ୍ପ ଓ ଯୋଜନାର ଶୁଭାରମ୍ଭ କରୁଛନ୍ତି । ଏଥିରେ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣ ଯୋଜନା ରହିଛି । ମୁଖ୍ୟମନ୍ତ୍ରୀ ୧୨୪କୋଟି ଟଙ୍କା ବ୍ୟୟରେ ନିର୍ମିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାଥମ୍ୟାଟିକ୍ସଠାରୁ ଇନଫୋସିଟି ଭାୟା ଏକାମ୍ର କାନନ ରାସ୍ତାର ଉଦ୍‌ଘାଟନ ସହ ୫୭୪ କୋଟି ଟଙ୍କାର ଜନାଶ୍ରୟ ଭବନର ଶିଳାନ୍ୟାସ, ରାଜ୍ୟର ଅଙ୍ଗନବାଡ଼ି କର୍ମୀ, ମହିଳା ସୁପରଭାଇଜର ଓ ବ୍ଲକ ସଂଯୋଜକମାନଙ୍କୁ ସ୍ମାର୍ଟଫୋନ୍ ପ୍ରଦାନ ଏବଂ ସୁଭଦ୍ରା ଶକ୍ତି ସମ୍ବାଦର ଶୁଭାରମ୍ଭ କରୁଛନ୍ତି ।

## କ୍ୟାବିନେଟ ବୈଠକ

ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଆଜି ସନ୍ଧ୍ୟାରେ ରାଜ୍ୟ କ୍ୟାବିନେଟ ବୈଠକ ଅନୁଷ୍ଠିତ ହେବ । ଏଥିରେ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଅନୁମୋଦନ ଲାଭ କରିବାର ସମ୍ଭାବନା ରହିଛି ।

## ହାତୀ ପ୍ରଶିକ୍ଷଣ କେନ୍ଦ୍ର

ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶରାମ ଖୁଣ୍ଟିଆ ଆଜି କଳାହାଣ୍ଡି ଗସ୍ତରେ ଯାଇ ସିର୍ଲିଗୁଡାସ୍ଥିତ ମେଗା ନର୍ସରୀଠାରେ ଓଡିଶାର ପ୍ରଥମ ହାତୀ ପ୍ରଶିକ୍ଷଣ କେନ୍ଦ୍ରର ଉଦ୍‌ଘାଟନ କରିଛନ୍ତି । ବନ୍ୟପ୍ରାଣୀ ଏବଂ

ମାନବ-ହାତୀ ସଂଘର୍ଷର ସ୍ଥାୟୀ ସମାଧାନ ଦିଗରେ ଏହି କେନ୍ଦ୍ର ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ଶ୍ରୀ ଖୁଣ୍ଟିଆ କହିଛନ୍ତି । ହାତୀମାନଙ୍କର ଗତିବିଧିକୁ ଅନୁଧ୍ୟାନ କରିବା ପାଇଁ କର୍ଲାପାଟ ଅଭୟାରଣ୍ୟ ଅନ୍ତର୍ଗତ ଶିମିଳିପଦର ନିକଟରେ ଏକ ୱାଚ ଟାୱାରକୁ ମନ୍ତ୍ରୀ ଉଦ୍‌ଘାଟନ କରିଛନ୍ତି ।

## ସ୍ୱାସ୍ଥ୍ୟମନ୍ତ୍ରୀ

ବଲାଙ୍ଗୀର ଜିଲ୍ଲା ଲୋଇସିଂହା ନିର୍ବାଚନମଣ୍ଡଳୀ ଭାଲେର ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ରାଜ୍ୟ ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ବିକାଶଧାରା କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଡକ୍ଟର ମୁକେଶ ମହାଲିଙ୍ଗ ଯୋଗଦେଇଛନ୍ତି। ଏହି ଅବସରରେ ମନ୍ତ୍ରୀ ଶ୍ରୀ ମହାଲିଙ୍ଗ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନହିତକର କାର୍ଯ୍ୟକ୍ରମ ଉପରେ  ଆଲୋକପାତ କରିବା ସହିତ ଅନ୍ତ୍ୟୋଦୟ ଗୃହ ଯୋଜନାର ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ ।

Gajapati

## ଜନ ଅଭିଯୋଗ ଶୁଣାଣି

ଗଜପତି ଜିଲ୍ଲାର ଆଦିବାସୀ ବହୁଳ ଗୁମ୍ମା ବ୍ଲକ ଅନ୍ତର୍ଗତ ପରିଡା ଗ୍ରାମରେ ପାରଳାଖେମୁଣ୍ଡି ବିଧାୟକ ରୂପେଶ କୁମାର ପାଣିଗ୍ରାହୀ ଏକ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଲୋକମାନଙ୍କର ବିଭିନ୍ନ ସମସ୍ୟା ଶୁଣିଛନ୍ତି । ଶିବିରରେ ୨୫ରୁ ଅଧିକ ସାମୂହିକ ଓ ବ୍ୟକ୍ତିଗତ ସମସ୍ୟାର ଶୁଣାଣି ହୋଇଥିଲା । ସମସ୍ୟାଗୁଡିକ ମଧ୍ୟରେ ବିଦ୍ୟୁତ, ପାନୀୟଜଳ, ଭତ୍ତା, କ୍ରୀଡା ଏବଂ ଅନ୍ୟାନ୍ୟ ପ୍ରସଙ୍ଗ ସ୍ଥାନ ପାଇଥିଲା ।

## ପ୍ରସ୍ତୁତି ବୈଠକ

ଆନ୍ତର୍ଜାତୀୟ ଯୋଗଦିବସ-୨୦୨୬କୁ ସୂଚାରୁରୂପେ ପାଳନ କରିବା ପାଇଁ କେନ୍ଦୁଝରଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ବ୍ଲକ, ଉନ୍ନୟନ ଅଧିକାରୀ ଏବଂ ବଡବିଲ୍ ପୌରପାଳିକାର ନିର୍ବାହୀ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ । ରାଜ୍ୟ କ୍ରୀଡା ଓ ଯୁବସେବା ବିଭାଗ ଦ୍ୱାରା ଜାରି କରାଯାଇଥିବା ମାର୍ଗଦର୍ଶିକା ଅନୁଯାୟୀ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ବୈଠକରେ ଆଲୋଚନା ହୋଇଛି ।

Desk

# ପାଣିପାଗ

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆଜି ଓଡ଼ିଶା ସ୍ୱର୍ଶ କରିଛି । ପାଣିପାଗ କେନ୍ଦ୍ରର ସୂଚନା ଅନୁସାରେ ମୌସୁମୀ ଜଗତସିଂହପୁର, କେନ୍ଦ୍ରାପଡା, ଭଦ୍ରକ,ବାଲେଶ୍ୱର ଏବଂ ମୟୂରଭଞ୍ଜ ଜିଲ୍ଲାର କେତେକ ଅଞ୍ଚଳ ସ୍ୱର୍ଶ କରିଛି ।  ଆଗାମୀ ଦିନରେ ମୌସୁମୀ ସମ୍ପୂର୍ଣ୍ଣ ଓଡିଶାକୁ ପ୍ରବେଶ କରିବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଚି । ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାପରେ ବର୍ଷା ହେବାର ସମ୍ଭାବନା ରହିଛି । ବିଶେଷକରି ଉତ୍ତର ଓଡିଶାର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି । ଆସନ୍ତା ୨୪ଘଣ୍ଟା ମଧ୍ୟରେ ବିଜୁଳି ଓ ଘଡଘଡିସହ  ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ପ୍ରାୟ ସମସ୍ତ ଜିଲ୍ଲାକୁ ସତର୍କ ସୂଚନା ଜାରି

କରାଯାଇଛି । ଏ ସମ୍ପର୍କରେ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶକ ଡକ୍ଟର ମନୋରମା ମହାନ୍ତି କହିଛନ୍ତି

**- V/O –**

BBSR`

## ଶିଶୁ ଶ୍ରମ ନିରୋଧ ଦିବସ

ଶିଶୁ ଶ୍ରମିକ ପ୍ରଥାକୁ ରୋକିବା ଏବଂ ଶିଶୁ ଶ୍ରମ ବିରୁଦ୍ଧରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ବିଶ୍ୱରେ ଶିଶୁ ଶ୍ରମ ନିରୋଧ ଦିବସ ପାଳନ କରାଯାଉଛି। ଶିଶୁମାନଙ୍କୁ ସେମାନଙ୍କର ନାଯ୍ୟ ଅଧିକାର ପ୍ରଦାନ କରିବା ଏବଂ ସେମାନଙ୍କର ଭବିଷ୍ୟତକୁ ସୁନିଶ୍ଚିତ କରିବା ପାଇଁ ଜନସଚେତନତା ବୃଦ୍ଧି କରିବା ଲକ୍ଷ୍ୟରେ ପ୍ରତିବର୍ଷ ଆଜିର ଦିନରେ ଏହି ଦିବସ ପାଳନ କରାଯାଇଥାଏ। ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ରହିଛି "ଶିଶୁ ଶ୍ରମକୁ ଲାଲ କାର୍ଡ: ପିଲାମାନଙ୍କ ପାଇଁ ନ୍ୟାୟପୂର୍ଣ୍ଣ ଖେଳ, ବୟସ୍କଙ୍କ ପାଇଁ ଉପଯୁକ୍ତ କାମ"। ଶିଶୁଶ୍ରମିକ ପ୍ରଥାକୁ ସମ୍ପୂର୍ଣ୍ଣ ରୂପେ ମୂଳୋତ୍ପାଟନ କରିବା ପାଇଁ ବିଶ୍ୱବ୍ୟାପୀ ସମର୍ଥକମାନଙ୍କୁ ଏକତ୍ରିତ କରିବା ହେଉଛି ଲାଲ କାର୍ଡ ଅଭିଯାନ। ଏହି ଅଭିଯାନର ମୂଳଲକ୍ଷ୍ୟ ହେଉଛି, "ଜଣେ ଶିଶୁକୁ ଶିଖିବା ପାଇଁ ଶିକ୍ଷାଦେବା ଉଚିତ, ବାଧ୍ୟବାଧକତାରେ ଶିଶୁଙ୍କୁ ରୋଜଗାର କରିବାକୁ ନୁହେଁ।" ରାଜ୍ୟରେ ବିଭିନ୍ନ ସ୍ଥାନରେ ଏହି ଅବସରରେ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି।

ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ଦ୍ୱାରା ଖାରବେଳ ନଗର ସ୍ଥିତ ଶ୍ରମ ନିର୍ଦ୍ଦେଶାଳୟ ପରିସରରେ ବିଶ୍ୱ ଶିଶୁ ଶ୍ରମ ନିରୋଧ ଦିବସ ପାଳିତ

ହୋଇଛି । ଏହି ଅବସରରେ ପୋଷ୍ଟର ଉନ୍ମୋଚନ ଓ ଶିଶୁ ଶ୍ରମ ନିରାକରଣ ରଥର ଶୁଭାରମ୍ଭ କରାଯାଇଛି । ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଚିତ୍ରା ଅରୁମୁଗମ୍ ଶିଶୁ ଶ୍ରମ ନିରୋଧୀ ପୋଷ୍ଟର ଉନ୍ମୋଚନ କରିଥିଲେ । ଏହି କାର୍ଯ୍ୟକ୍ରମ ଚଳିତମାସ ୨୬ତାରିଖ ପର୍ଯ୍ୟନ୍ତ ଚାଲିବ ।

Puri

## ଆଲୋଚନାଚକ୍ର

ବ୍ୟାଙ୍କିଙ୍ଗ କ୍ଷେତ୍ରରେ ଉପଲବ୍ଧ ସମସ୍ତ ସରକାରୀ ଯୋଜନା ଗ୍ରାମୀଣ ସ୍ତରରେ ବସବାସ କରୁଥିବା ସାଧାରଣ ଲୋକଙ୍କ ନିକଟରେ ପହଞ୍ଚିବା ସମ୍ପର୍କରେ ଏକ ଆଲୋଚନାଚକ୍ର ପୁରୀ ମେରାଇନ୍ ଡ୍ରାଇଭ୍ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ଜାତୀୟ ସ୍ତରୀୟ ଆଲୋଚନାଚକ୍ରରେ ବ୍ୟାଙ୍କିଙ୍ଗ କ୍ଷେତ୍ରରେ ଜୀବନବୀମା, ପେନସନ୍ ତଥା ସରକାରଙ୍କ ନୂତନ ଯୋଜନା ସମ୍ପର୍କରେ ଆଲୋଚନା ହୋଇଥିଲା। ସାଧାରଣ ଲୋକଙ୍କ ପାଇଁ କ୍ଷୁଦ୍ର ଋଣ ପ୍ରଦାନ, ଧନ୍ଦାମୂଳକ ଶିକ୍ଷା, ଡିଜିଟାଲ ସାକ୍ଷରତାକୁ ନେଇ ବିଚାର ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ବ୍ୟାଙ୍କର ବରିଷ୍ଠ ଅଧିକାରୀଙ୍କ ସମେତ ନାବାର୍ଡ, ଅର୍ଥ ମନ୍ତ୍ରଣାଳୟର ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ।